# ଖେମୁଣ୍ଡି ଗଜପତିଙ୍କ ଶ୍ରୀକ୍ଷେତ୍ର ଅଧିକାର

ଶ୍ରୀ ଅନନ୍ତରାମ କର କୌଣ୍ଡିନ୍ୟ

ମହାପ୍ରଭୁ ଶ୍ରୀଜଗନ୍ନାଥ ଯୁଗେ ଯୁଗେ ଓଡ଼ିଆର ଗର୍ବ ଓ ଗୌରବ ! ଓଡ଼ିଶାର ଇତିହାସ, ସଂସ୍କୃତି ଏବଂ ସ୍ୱାଭିମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିନା ଅସମ୍ପୂର୍ଣ୍ଣ । ଇତିହାସର ଅବଧି ମଧ୍ୟରେ ଓଡ଼ିଆ ଜାତି ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଆସିଛି । କିନ୍ତୁ ସବୁ ସମୟରେ, ସବୁ ପରିସ୍ଥିତିରେ ଜଗନ୍ନାଥ ଓଡ଼ିଆ ଜାତିର ଅପରାଜେୟ ଆତ୍ମା ହୋଇ ରହିଛନ୍ତି ଚିରଦିନ । ଅତୀତରେ ବହୁ ଅତ୍ୟାଚାରୀ, ଲୁଣ୍ଠନକାରୀ ବିଧର୍ମୀ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଛନ୍ତି, ଧନରତ୍ନ ଲୁଣ୍ଠନର ଆଶା କିମ୍ବା ଧର୍ମ ବିଦ୍ୱେଷର ମନ ନେଇ । କିନ୍ତୁ ଏକଦା ଖେମୁଣ୍ଡିର ଗଜପତି ମାନେ ଶ୍ରୀମନ୍ଦିର ଅଧିକାର କରିଥିଲେ । ଯେଉଁ ଅଧିକାରର ଉଦ୍ଦେଶ୍ୟ ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନରକ୍ଷା ଏବଂ ଅଣ ଓଡ଼ିଆଙ୍କ କବଳରୁ ଶ୍ରୀମନ୍ଦିରର ସୁରକ୍ଷା । ଏଥରର ଶ୍ରୀକ୍ଷେତ୍ର ଆକ୍ରମଣର ଅନ୍ୟ ଏକ କାରଣଟି ଥିଲା – ଶ୍ରୀକ୍ଷେତ୍ରରେ ଖେମୁଣ୍ଡି ଗଜପତିମାନଙ୍କ ଅଧିକାର ପ୍ରତିଷ୍ଠା କରିବା । ଏହା ଥିଲା ୧୭୬୦ ଖ୍ରୀଷ୍ଟାବ୍ଦର ଘଟଣା ।

ଘଟଣାର ପୂର୍ବାଭାଷ ଏହା ଯେ – ଏକାଦଶ ଶତାବ୍ଦୀ ବେଳେ ମହାରାଜା ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ ସମଗ୍ର କଳିଙ୍ଗ କୋଶଳ ଉତ୍କଳ ଜୟ କରିବା ପରେ କଟକଠାରେ ରାଜଧାନୀ ପ୍ରତିଷ୍ଠା କଲେ । ଏହି ଅବସରରେ ସେ ପୁରୀଠାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ଅପର ପକ୍ଷରେ ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କ ସାନ ଭାଇ ପରମର୍ଦ୍ଦି ଦେବ ପୈତୃକ ରାଜଧାନୀ ମୁଖଲିଙ୍ଗମ୍‌ରେ ରହି ପୈତୃକ ରାଜ୍ୟ ଶାସନ କଲେ । କଟକ ରାଜଧାନୀରେ ତେଣେ ଅନନ୍ତବର୍ମା ଚୋଡ଼ଗଙ୍ଗଙ୍କ ପରେ ୧୪ ଜଣ ରାଜା ଦୀର୍ଘ ୨୮୮ ବର୍ଷ ରାଜତ୍ୱ କରିବା ପରେ ଚତୁର୍ଥ ଭାନୁ ବା ନିଶଙ୍କ ଭାନୁଙ୍କ ପରେ ଖ୍ରୀ. ୧୪୩୫ରେ ଓଡ଼ିଶା ସିଂହାସନରୁ ଗଙ୍ଗବଂଶର ରାଜତ୍ୱ ଶେଷ ହେଲା । ଏହାପରେ କପିଳେନ୍ଦ୍ର ଦେବ ଶାସନଭାର ଅଧିକାର କରି ସୂର୍ଯ୍ୟ ବଂଶର ରାଜତ୍ୱ ଆରମ୍ଭ କଲେ ।

କଟକ ରାଜଗାଦିରୁ ଗଙ୍ଗବଂଶର ଶାସନ ଲୋପ ହେବା ପରେ ଗଙ୍ଗମାନଙ୍କ ମୂଳଗାଦି ମୁଖଲିଙ୍ଗମ୍ ବା ଖେମୁଣ୍ଡିର ରାଜାମାନେ ବିଦ୍ରୋହୀ ହୋଇ ଉଠିଲେ । କାରଣ ଓଡ଼ିଶା ଗାଦି ଥିଲା ଖେମୁଣ୍ଡି ଗଙ୍ଗମାନଙ୍କ ପୈତୃକ ଅଧିକାରଭୁକ୍ତ ଭାତୃଗାଦୀ । ରାଜା କପିଳେନ୍ଦ୍ର ଦେବଙ୍କୁ ଓଡ଼ିଶାର ସବୁ ଅଞ୍ଚଳର ରାଜା ଠାକୁରରାଜାର ମାନ୍ୟତା ଦେଉଥିବା ବେଳେ ଖେମୁଣ୍ଡି ରାଜା ଏଥିରେ ବ୍ୟତିକ୍ରମ ହୋଇ ପଡ଼ିଲେ । ଖେମୁଣ୍ଡିର ତତ୍‌କାଳୀନ ଗଜପତି ମୃତ୍ୟୁଞ୍ଜୟ ଭାନୁ ଖ୍ରୀ. ୧୪୪୨ରେ କପିଳେନ୍ଦ୍ର ଦେବଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଏ କ୍ରମରେ କପିଳେନ୍ଦ୍ର ଦେବ ଖେମୁଣ୍ଡି ଗଜପତିଙ୍କ ନିମନ୍ତେ ଶ୍ରୀମନ୍ଦିରରେ ଥିବା କେତେକ ସ୍ୱତନ୍ତ୍ର ଅଧିକାରକୁ ଉଚ୍ଛେଦ କଲେ । ଏହିଠାରୁ ଆରମ୍ଭ ହେଲା ଖେମୁଣ୍ଡି ରାଜା ଓ ଓଡ଼ିଶା ରାଜାଙ୍କ ମଧ୍ୟରେ ବିବାଦ । ଶ୍ରୀମନ୍ଦିର ପ୍ରକୃତରେ ଥିଲା ଗଙ୍ଗ ରାଜାଙ୍କ କୀର୍ତ୍ତି । ଗଙ୍ଗ ରାଜାଙ୍କ ପ୍ରକୃତ ଦାୟାଦ ହିସାବରେ ଖେମୁଣ୍ଡି ଗଙ୍ଗମାନେ ଶ୍ରୀମନ୍ଦିରରେ ପୂର୍ବବତ୍ ସେମାନଙ୍କ ଅଧିକାର ଅକ୍ଷୁଣ୍ଣ ରଖିବାକୁ ଚାହୁଁଥିଲେ । କପିଳେନ୍ଦ୍ର ଦେବ କିନ୍ତୁ ଏଥିରେ ସମ୍ମତ ନଥିଲେ । ଏଭଳି ପରିସ୍ଥିତିରେ କପିଳେନ୍ଦ୍ର ଦେବ ଓ ଖେମୁଣ୍ଡି ଗଙ୍ଗ ମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ମାଦଳା ପାଞ୍ଜିର ବର୍ଣ୍ଣନା ପ୍ରକାରେ – 'କପିଳେନ୍ଦ୍ର ଦେବ ୧୦ ଅଙ୍କରେ ଖେମୁଣ୍ଡି ମାଇଲେ ।'

ଖେମୁଣ୍ଡିର ରାଜା ଓ ପ୍ରଜାଙ୍କ ମଧ୍ୟରେ ଏ ଘଟଣା ବିଦ୍ରୋହ ସୂତ୍ରପାତ କଲା । ଖେମୁଣ୍ଡି ରାଜା ସମୟ ଓ ସୁବିଧା ଦେଖି ଶ୍ରୀକ୍ଷେତ୍ର ଓ କଟକ ରାଜଧାନୀ ଆକ୍ରମଣ କରିବାକୁ ଯୋଜନା କରୁଥିଲେ । ୧୫୬୭ ଖ୍ରୀଷ୍ଟାବ୍ଦରେ ଖେମୁଣ୍ଡି ରାଜା ଶିବଲିଙ୍ଗ ଭାନୁ ଓ ତାଙ୍କ ଅନୁଜ ରାମଚନ୍ଦ୍ର ଅନଙ୍ଗଭୀମ କେଶରୀ ଓଡ଼ିଶା ଅଧିକାର ପାଇଁ ସୈନ୍ୟ ଚାଳନା କଲେ । ଏହି ସମୟରେ ସେମାନେ ଖୋରଧା, ରଥୀପୁର ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରି ଅଳ୍ପକାଳ ପାଇଁ ଏହି ଅଞ୍ଚଳକୁ ନିଜ ଅଧୀନରେ ରଖିଲେ । ଏଭଳି ବିବାଦ ଖେମୁଣ୍ଡି ଗଜପତି ଓ ଓଡ଼ିଶା ଗଜପତିଙ୍କ ମଧ୍ୟରେ ପାରଂପରିକ ଶତ୍ରୁତାରେ ପରିଣତ ହେଲା । ଓଡ଼ିଶା ଗଜପତିଙ୍କୁ ସମଗ୍ର ଓଡ଼ିଶାର ରାଜା ଓ ପ୍ରଜା ଲକ୍ଷେ ରାଜାର ମଉଡ଼ମଣି, ଚଳନ୍ତି ବିଷ୍ଣୁ ଆଦି ନାମରେ ମାନ୍ୟତା ପ୍ରଦାନ କରୁଥିଲେ । କଟକ ବା ଖୋରଧା ରାଜାଙ୍କ ଅଙ୍କକୁ ପ୍ରତ୍ୟେକେ ନିଜ ନିଜ ରାଜ୍ୟରେ ପ୍ରଚଳନ କରିଥିଲେ । କିନ୍ତୁ ଖେମୁଣ୍ଡି ରାଜାମାନେ ସେହି କାଳରୁ

ଓଡ଼ିଶା ଗଜପତିଙ୍କ ଅଙ୍କକୁ ବର୍ଜନ କରି ନିଜସ୍ୱ ଅଙ୍କ ପ୍ରଚଳନ କଲେ । ଏପରିକି ଶ୍ରୀମନ୍ଦିର ମଧ ବର୍ଜନ କଲେ । ଓଡ଼ିଶା ରାଜାଙ୍କ ବଶ୍ୟତାକୁ ଅସ୍ୱୀକାର କଲେ । କାରଣ, ବଂଶ ପରଂପରା ଦୃଷ୍ଟିରୁ ଓଡ଼ିଶା ଗଜପତିଙ୍କ ସୂର୍ଯ୍ୟବଂଶ ଅପେକ୍ଷା ଖେମୁଣ୍ଡି ଗଙ୍ଗମାନେ ଉଚ୍ଚ ପରଂପରାର । ଓଡ଼ିଶା ଏବଂ ଖେମୁଣ୍ଡି ମଧରେ ପାରଂପରିକ ଶତ୍ରୁତା ଲାଗି ରହିଲା । ଓଡ଼ିଶା ରାଜା ଗଜପତି ପୁରୁଷୋତ୍ତମ ଦେବ ମଧ ଖେମୁଣ୍ଡି ଆକ୍ରମଣ କରିଥିଲେ । ଏତେବେଳକୁ ଖେମୁଣ୍ଡିର ସୀମା ପୂର୍ବରେ ଋଷିକୂଲ୍ୟା (ଗଞ୍ଜା) ଠାରୁ ଦକ୍ଷିଣରେ ସୀମାଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପରବର୍ତ୍ତୀ କାଳରେ ଭୋଇ ବଂଶର ବୀରକେଶରୀ ଦେବ ଓଡ଼ିଶାର ରାଜା ହେଲେ । ୧୭୫୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ଓଡ଼ିଶା ଅଧିକାର କଲେ । ମରହଟ୍ଟାମାନଙ୍କ ନିର୍ଦ୍ଦେଶରେ ଓଡ଼ିଶା ଶାସିତ ହେବା ସହିତ ଶ୍ରୀମନ୍ଦିର ମଧ ପରିଚାଳିତ ହେଲା । ଖେମୁଣ୍ଡି ରାଜାମାନେ କିନ୍ତୁ ମରହଟ୍ଟା ଶାସନକୁ ପ୍ରତିବାଦ କଲେ ।

ଘଟଣାର ଗୁରୁତ୍ୱ ଉପଲବ୍‌ଧି କରି ପାରଳା ଗଜପତି ଖୋରଧା ରାଜାଙ୍କ ନିକଟକୁ ଦୂତ ହସ୍ତରେ ଏକ ପତ୍ର ପ୍ରେରଣ କଲେ । ସେଥିରେ ଉଲ୍ଲେଖ ଥିଲା - ଆପଣ ଯେଉଁ ସିଂହାସନ ଲାଭ କରିଛନ୍ତି, ତାହା ଅତି ପବିତ୍ର ଏବଂ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର କରୁଣାର ସିଂହାସନ । ବର୍ତ୍ତମାନ କେଉଁ ଦୂର ଦେଶରୁ ଆସି ମରହଟ୍ଟାମାନେ ଉତ୍କଳ ଅଧିକାର କରି ସେହି ପବିତ୍ର ସିଂହାସନକୁ ଅପବିତ୍ର କରିଛନ୍ତି । ଆମ୍ଭେ ଗଙ୍ଗବଂଶର ଦାୟାଦ ହୋଇଥିବାରୁ ଆପଣଙ୍କୁ ଭାତୃତୁଲ୍ୟ ମନେକରି ଉପଦେଶ ଦେଉଅଛୁ - ଆମ ସୈନ୍ୟମାନଙ୍କ ସାହାଯ୍ୟରେ ଖୋରଧା ସୈନ୍ୟମାନଙ୍କୁ ମିଶାଇ କଟକ ବାରବାଟୀ କିଲ୍ଲା ଅଧିକାର କରିବା ଓ ଆମ ଉତ୍କଳ ରାଜ୍ୟକୁ ସ୍ୱାଧୀନ କରିବା । ଆପଣ ଜଣେ ବିଜ୍ଞ ପଣ୍ଡିତ । ଏଣୁ ଆମର ଏହି ଉପଦେଶକୁ ମାନି କାର୍ଯ୍ୟ କଲେ ବଂଶର ମର୍ଯ୍ୟାଦା ଓ ଆମ ଜାତିର ସମ୍ମାନ ରହିବ ।

କିନ୍ତୁ ଫଳ ହେଲା ଓଲଟା । ପତ୍ରଟି ପାଇ ବୀରକିଶୋର ଦେବ ମନେ କଲେ ଯେ, ପାରଳାର ଜଗନ୍ନାଥ ନାରାୟଣ ଦେବ ନିଜକୁ ଗଙ୍ଗବଂଶର ଦାୟାଦ ବୋଲି ପତ୍ରରେ ଏପରି ଉପଦେଶ ଦେଇଛନ୍ତି । ବୋଧହୁଏ ଆମ ରାଜ୍ୟ ଅଧିକାର କରିବା ତା'ର ଅଭିପ୍ରାୟ । ପ୍ରବଳ ପରାକ୍ରମୀ ମରହଟ୍ଟାଙ୍କୁ ଆମ ବିପକ୍ଷରେ ଛିଡ଼ା କରାଇବାର ମସୁଧା । ଏଭଳି ବିଚାର କରି ବୀରକେଶରୀ ଦେବ ପାରଳା ଦୂତକୁ ଭର୍ତ୍ସନା କରି ଫେରସ୍ତ କଲେ । ଦୂତଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ପାରଳା ଗଜପତି ନାରାୟଣ ଦେବ ଏବଂ ତାଙ୍କ ଖୁଡ଼ୁତା ଭାଇ ବଡ଼ ଖେମୁଣ୍ଡି ରାଜା ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ଖୋରଧା ଆକ୍ରମଣ କରି ଶ୍ରୀମନ୍ଦିର ଅଧିକାର କରିନେଲେ । ପାରଳା ଇତିହାସରୁ ଜଣାଯାଏ ଯେ, ରାଜା ଜଗନ୍ନାଥ ନାରାୟଣ ଦେବ ବୃଷ ନାମ ସମ୍ବତ୍ସର ଚୈତ୍ର ଶୁକ୍ଳ ଦ୍ୱାଦଶ ତିଥିରେ ଏହି ବିଜୟ ଯାତ୍ରା କରିଥିଲେ । ପାଞ୍ଜି ଗଣନା ପ୍ରକାରେ ବୃଷ ନାମ ସମ୍ବତ୍ସର ୧୭୬୧ ମସିହାରେ ପଡ଼ିଥିଲା ।

ଏ ସଂପର୍କରେ ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି - 'ଏ ରାଜା (ବୀରକେଶରୀ) ରାଜଗାଦିରେ ଅଭିଷେକ ହେବା ସମୟେ ଖେମୁଣ୍ଡି ରାଜା ଓଡ଼ିଶାର ଉତ୍ତରାଧିକାରୀ ବୋଲି ବୀର କେଶରୀଙ୍କ ସଙ୍ଗେ ଯୁଝ କରି ଓଡ଼ିଶା ଛଡ଼ାଇ ନେଲେ । ବୀରକେଶରୀ ଦେବ ମରହଟ୍ଟାଙ୍କୁ ଆଶ୍ରୟ କରିବାରୁ ଖେମୁଣ୍ଡି ରାଜାଙ୍କୁ ପରାଜୟ କଲେ ଓ ଖୁରୁଧାରୁ ତଡ଼ିଦେଲେ ।' ପାରଳା ଗଜପତି ଶ୍ରୀକ୍ଷେତ୍ର ଅଧିକାର କରିବା ପରେ ଶ୍ରୀମନ୍ଦିରର ସମସ୍ତ ରୀତିନୀତି ରଥଯାତ୍ରା ଏବଂ ଛେରା ପହଁରା ଆଦି କାର୍ଯ୍ୟ ନିର୍ବାହ କଲେ ।

ଶ୍ରୀମନ୍ଦିରର ପୁରାତନ ଚିଟାଉରେ ମଧ ଏ ସଂପର୍କରେ ଉଲ୍ଲେଖ ଅଛି - 'କକଡ଼ା ଦି ୧ ନେ ରଥମାନ ଶରଦା ବାଲିରେ ଥିଲେ । ଏଦିନ ପାରଳା ପାଟଣାର ଜଗନ୍ନାଥ ନାରାୟଣ ଦେ ଏ ଭାଇ ମଧ ଦୁଇ ଜଣେ ବାହୁଡ଼ା ଗୁଣ୍ଡିଚା ଦରଶନକୁ ଅଇଲେ । XXX ନନ୍ଦିଘୋଷ ରଥ ଉପରେ ପରମେଶ୍ୱରଙ୍କୁ ଦରଶନ କରିବାରେ ଶ୍ରୀଅଙ୍ଗରୁ ମାଳ ଗୋଟାଏ ଛିଡ଼ିଲା । ଏ ନରଣ ଦେ ବୋଇଲେ ଏ ମାଳ ମୋତେ ଦିଅ । XXX କକଡ଼ା ଦି ୨ ନେ ତଳପା ବାହୁଡ଼ା ଗୁଣ୍ଡିଚା ଚତୁର୍ଥ ଦିନ ରଥମାନେ ରାତ୍ର ଚାରିପ୍ରହର ସରିକି ସିଂଘ ଦ୍ୱାରେ ଥିଲେ । ନରଣ ଦେ ଏ ଭାଇ ମଧ ପାଗଗନ୍ତା ବାନ୍ଧି ରଥ ଉପରେ ବସିଲେ । XXX କକଡ଼ା ଦି ୨୦ ନେ ବେହରଣ ତଳପ ବେଳ ଦୁଇ ପହର ସରିକି ମାନସିଙ୍ଗେ ନରଣ ଦେବ ମଧ ଦିନେ ଦରଶନ କଲେ ସମାଜେ । ସଜପାଗ ପଟୁ ଥାଉ ଏ ଦିନ ଦରସନ କଲେ । ନରଣ ଦେବ ଓ ଉକୀଲ ବାଙ୍କ ପଣ୍ଡାକୁ ସୁତା ଫେଟା ୧ ମୃଗାଏ ।'

ସେହିଭଳି 'ପାରଳା ରାଜବଂଶ ମାଦଳା'ରେ ଉଲ୍ଲେଖ ଅଛି - 'ଏହି ଜଗନ୍ନାଥ ନାରାୟଣ ଦେବ ରାଜତ୍ୱ କଲେ ବ ୪୦ର୍ଷ ମାଝସ । ଏହି ରାଜା ବଳବନ୍ତ ହେବାରୁ ଗୋଦାବରୀ ଠାରୁ ଛତ୍ରଗଡ଼ ପର୍ଯ୍ୟନ୍ତ ଅଖଣ୍ଡିତ ଅଧିକାର କଲେ XXX ଶ୍ରୀ

ବୀରକେଶରୀ ଦେବଙ୍କୁ ଲଢ଼ାଇ କରି ଜିଣି ଓଡ଼ିଶା ଦେଶରେ ରାଜତ୍ୱ କଲେ ବ ୩ ର୍ଷ ମା ୧ ସ ଦି ୩ ନ' । ଏ କ୍ରମରେ ଜଣାଯାଏ ଯେ ପାରଳା ରାଜା ଗଜପତି ଜଗନ୍ନାଥ ନାରାୟଣ ଦେବ ଦୀର୍ଘ ୩ ବର୍ଷ ୧ ମାସ ଧରି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରକୁ ନିଜ ଅକ୍ତିଆରରେ ରଖିଥିଲେ । ଏ ସମୟର ସକଳ ରୀତି ଏବଂ ରଥଯାତ୍ରା ଛେରା ପହଁରା ମଧ୍ୟ ସେ ନିର୍ବାହ କରୁଥିଲେ । କିନ୍ତୁ ଶେଷରେ ପରିସ୍ଥିତି ଏଭଳି ହେଲା, ରାଜା ଜଗନ୍ନାଥ ଦେବ ନିଜେ ହିଁ ଶ୍ରୀମନ୍ଦିରର ସମସ୍ତ ଦାୟିତ୍ୱ ପରିତ୍ୟାଗ କରି ପାରଳା ଫେରିଥିଲେ । କାରଣ ପୁରୀ ରାଜା ବୀରକେଶରୀ ଦେବ ମରହଟ୍ଟା ସୁବେଦାର ଶିବଭଟ୍ଟଙ୍କ ସହ ବନ୍ଧୁତା କରି ଜଗନ୍ନାଥ ନାରାୟଣ ଦେବଙ୍କୁ ପ୍ରତିହତ କରିବାକୁ ଉଦ୍ୟମ କଲେ । ଏଣେ ଆନ୍ଧ୍ର ବିଜୟ ନଗରର ରାଜା ବିଜୟ ରାମରାଜୁ ଓ ସୀତାରାମ ରାଜୁ ପାରଳା ଆକ୍ରମଣ କଲେ । ଉଭୟ ଶତ୍ରୁକୁ ମୁକାବିଲା କରିବା ପରିପ୍ରେକ୍ଷୀରେ ସେ ସ୍ୱରାଜଧାନୀ ପାରଳାର ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେଲେ ଏବଂ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଦାୟିତ୍ୱ ବୀରକେଶରୀଙ୍କୁ ପ୍ରତ୍ୟର୍ପଣ କରିବାକୁ ବାଧ ହେଲେ ।

ଏଭଳି ପରିସ୍ଥିତି ସତ୍ତ୍ୱେ ପାରଳା ଓ ପୁରୀ ରାଜ ପରିବାର ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇ ପାରିଲା ନାହିଁ । ୧୮୧୦ ମସିହା ମେ ମାସରେ ପାରଳାଖେମୁଣ୍ଡି ରାଜା ପଦ୍ମନାଭ ନାରାୟଣ ଦେବ ଶ୍ରୀକ୍ଷେତ୍ର ଦର୍ଶନକୁ ଯାଇଥିଲେ । ବିଧି ପ୍ରକାରେ ପାରଳା ରାଜା ପୁରୀ ରାଜାଙ୍କ ଠାରେ ୩୦ଟଙ୍କା ଦର୍ଶନୀ ଦାଖଲ କରିଥିଲେ ମଧ୍ୟ ତାଙ୍କୁ ଦର୍ଶନ କରିବା ସୁଯୋଗ ମିଳି ନ ଥିଲା । ଏପରି କି ପ୍ରସାଦ ମଧ୍ୟ ମିଳି ନ ଥିଲା । ଏହି ଘଟଣାର ପ୍ରତିବାଦ କରି ପାରଳା ରାଜା ତତ୍କାଳୀନ ପୁରୀ କଲେକ୍ଟର 'ଉଇଲିୟମ ଟ୍ରାୱାର୍'ଙ୍କ ନିକଟରେ ଅଭିଯୋଗ କରିଥିଲେ ।

୧୮୧୦ ମସିହାର ଏହି ଘଟଣା ପରେ ପାରଳା ରାଜ ପରିବାର ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ବର୍ଜନ କରିଥିଲେ । ପୁରୀ ରାଜା ମଧ୍ୟ ଈର୍ଷା ପରାୟଣ ହୋଇ ପାରଳା ରାଜା ଓ ପ୍ରଜାଙ୍କ ପ୍ରତି କଟକଣା ଲାଗୁ କଲେ । ଏହାର ଏକ ସୂଚନା ମିଳେ ପାରଳା ଅଞ୍ଚଳର 'ଖର ଖରେଇ' ଓଷା ଗୀତରେ-

**ଓଡ଼ିଶାକୁ ଯିବି ବୋଲି କିଣିଥିଲି ପାଟ**
**ଓଡ଼ିଶାର ଲୋକେ ମୋତେ ନ ଛାଡ଼ିଲେ ବାଟ ।**

ପରବର୍ତ୍ତୀ କାଳରେ ଅବସ୍ଥାର ସାମାନ୍ୟ ପରିବର୍ତ୍ତନ ଘଟିଥିଲା । ୧୮୬୨ ମସିହାରେ ତତ୍କାଳୀନ ପୁରୀ ରାଜା ବୀରକେଶରୀ ଦେବ (ଦ୍ୱିତୀୟ) ଅପୁତ୍ରିକ ଅବସ୍ଥାରେ ମୃତ୍ୟୁବରଣ କଲେ । ମୃତ୍ୟୁ ପୂର୍ବରୁ ସେ ପାରଳା ଗଜପତିଙ୍କ ଭ୍ରାତୁଷ୍ପୁତ୍ର ଅର୍ଥାତ୍ ବଡ଼ଖେମୁଣ୍ଡି (ଦିଗପହଣ୍ଡି) ରାଜା ଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କ ପ୍ରଥମ ପୁତ୍ର ମଦନମୋହନଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ପୁରୀ ଗାଦିରେ ଆସୀନ ହେବା ପରେ ସେ ଦିବ୍ୟସିଂହ ଦେବ ନାମରେ ନାମିତ ହୋଇ ଥିଲେ । ଏହି ଘଟଣା ପରେ କିଛି କାଳ ପାଇଁ ପୁରୀ ଓ ଖେମୁଣ୍ଡି ରାଜପରିବାର ମଧ୍ୟରେ ସଂପର୍କର ଉନ୍ନତି ଘଟିଥିଲା । ତଥାପି ପାରଳା ରାଜବଂଶର କେହି ଶ୍ରୀମନ୍ଦିର ଦର୍ଶନ କରୁ ନ ଥିଲେ । ଦିବ୍ୟସିଂହ ଖେମୁଣ୍ଡି ଗଙ୍ଗବଂଶର ହୋଇଥିବାରୁ ପାରଳା ରାଜବଂଶ ଅବଶ୍ୟ କିଛି ମାତ୍ରାରେ ଶାନ୍ତ ଥିଲେ । ପାରଳାର ଶେଷ ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ପ୍ରଧାନମନ୍ତ୍ରୀ ହେବାପରେ ଦୀର୍ଘଦିନରୁ ପ୍ରଚଳିତ ମନାନ୍ତରର ପରଂପରା ଭଙ୍ଗ କରି ଦୀର୍ଘ ୧୬୭ ବର୍ଷ ପରେ ୧୯୩୭ ମସିହାରେ ପୁରୀ ମନ୍ଦିର ପରିଦର୍ଶନ କରିଥିଲେ । ପାରଳା ଗଜପତିଙ୍କ ସମ୍ମାନାର୍ଥେ ତତ୍କାଳୀନ୍ ପୁରୀ ରାଜା ଚତୁର୍ଥ ରାମଚନ୍ଦ୍ର ଦେବ ମନ୍ଦିର ଶୋଧ ଆଦି ବ୍ୟବସ୍ଥା କରିଥିଲେ ।

❐❐❐

**ଗବେଷକ**
**ଭୀଷ୍ମଗିରି (ଗଂଜାମ)**

**ପଢ଼ନ୍ତୁ !**

# ଯୁଗେ ଯୁଗେ ରଥଯାତ୍ରା

**ପ୍ରାପ୍ତିସ୍ଥାନ - ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର, ପୁରୀ । ମୂଲ୍ୟ - ଟ ୫୦ଙ୍କା ମାତ୍ର ।**